# ଫୁରଲି ଝରନ୍.......?[୧]

ଯୋଉଠି ପାଣି ଝରେନି, ଲୁହ ଝରେ
ଯୋଉଠି ଶବ୍ଦ ସବୁ ନିରବତାମୟ
ସ୍ୱପ୍ନ ଯେତେ ମରୀଚିକାପୂର୍ଣ୍ଣ
ଯୋଉଠି ବଞ୍ଚିବାର ଅର୍ଥ ଖାଲି
ଶବର ଅଭିଶପ୍ତ ପ୍ରତିବିମ୍ବ
ଆକାଶ ଗୋଟିଏ ବିବ୍ରତ ମୁହୂର୍ତ୍ତ
ସେଇତ ଫୁରଲି ଝରନ୍......।।
ଦିଗଭ୍ରାନ୍ତ ଅଣନିଃଶ୍ୱାସୀ,
ଗୋଟିଏ ଶୀତୁଆ ଗୋଧୂଳି ପବନ
ସେଇତ ଫୁରଲି ଝରନ୍....
ହଁ....... ସେଇତ ଫୁରଲି ଝରନ।।

ଫୁରଲି ଝରନ୍ ଜଳେ ମୋରି ପରି
ରକ୍ତ ସବୁକୁ ନିଗାଡ଼ି ନିଗାଡ
ଓଠ ତଳେ ଚାପି ଧରିଥାଏ
ଦନ୍ତୁରିତ ଲୁହର ଦିଗନ୍ତ
ମୃତ୍ୟୁର ଇଙ୍ଗିତରେ ସ୍ତବ୍ଧ କିଶଳୟ
ଲହ ଲହ ଯନ୍ତ୍ରଣାର ଜ୍ୱଳନ ।।
ଏହାରି ଜ୍ୱଳନ ଓ ଜଳିବାର ସମ୍ମୋହନରେ,
ଜଳିଉଠେ ଆକାଶ
ଜଳିଉଠେ ପାହାଡ଼, ପର୍ବତ
ନଈ,ନାଳ....
ଜଳିଉଠେ ଆୟୁଷର ଅନ୍ତିମ ମାନଚିତ୍ର......
ସେଇତ ଫୁରଲି ଝରନ୍।।
ଯୋଉଠି ପାଣି ଝରେନି,
ଲୁହ ଝରେ
ସେଇତ ଫୁରଲି ଝରନ୍....
ହଁ .... ସେଇତ ଫୁରଲି ଝରନ୍।।

ଫୁରଲି ଝରନ୍ କେବେଠୁଁ ଗଢ଼ିସାରିଛି
ଘରଟିଏ
ମୋରି ଘର ପରି ଘରଟିଏ

---

[୧] ଶବ୍ଦଲିପି–୧୯୯୬–୯୭ ।

ଯାହାରି ଇଟା ଓ ବାରଣ୍ଡା,
ବଞ୍ଚିବାର କୋହ.....ଯାହାରି ପାଣି
ଓ ପବନ, ମୃତ ନିରବ ଶ୍ମଶାନ
ଯୋଉଠି ସୂର୍ଯ୍ୟ କହିଲେ ଖାଲି ଅନ୍ଧାକାରର ସାମ୍ରାଜ୍ୟ
ସେଇତ ଫୁରଲି ଝରନ୍ .....
ହଁ ....ସେଇତ ଫୁରଲି ଝରନ୍!!